ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/I&PR(OD)/847/10-12-2020

# ଓଡ଼ିଶା ମାନବାଧିକାର ଆୟୁକ୍ତ ପକ୍ଷରୁ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ

**ଭୁବନେଶ୍ୱର :୧୦ ଡିସେମ୍ବର,୨୦୨୦**

୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ମିଳିତ ଜାତିସଂଘରେ ମାନବାଧିକାର ଘୋଷଣାନାମା ସ୍ୱୀକୃତି ପାଇଥିଲା । ଏହି ଐତିହାସିକ ଦିନଟିକୁ ସେବେଠାରୁ ସାରା ବିଶ୍ୱ ମାନବାଧିକାର ଦିବସ ରୂପେ ପାଳନ କରି ଆସୁଛି । ବୈଶ୍ୱିକ ମହାମାରୀ କୋଭିଡ୍-୧୯ ପରିପ୍ରେକ୍ଷୀରେ ଆଜି ଓଡ଼ିଶା ମାନବାଧିକାର ଆୟୋଗରେ ଅତି ନିରାଡମ୍ବର ଭାବେ ମାନବାଧିକାର ଦିବସ ପାଳିତ ହୋଇଛି । ଓଡ଼ିଶାରେ ୨୦୦୩ ମସିହା ଜୁଲାଇ ୧୧ ତାରିଖରୁ ମାନବାଧିକାର ଆୟୋଗ କାର୍ଯ୍ୟ କରି ଆସୁଛି । ଆୟୋଗ କାର୍ଯ୍ୟ ଆରମ୍ଭ କରିବା ଦିନଠାରୁ ପ୍ରତିବର୍ଷ ବିଭିନ୍ନ ମାମଲାରେ ଅଧିକରୁ ଅଧିକ ଦୋଷୀ ସାବ୍ୟସ୍ତ ହେଉଛନ୍ତି । ଆୟୋଗ ମୁଖ୍ୟତଃ ଅସୁବିଧାରେ ଥିବା ମହିଳା, ଶିଶୁ, ବୟସ୍କ, ଅସମର୍ଥ, ବୃଦ୍ଧାବସ୍ଥାରେ ରୋଗଯୋଗୁ ଦୁର୍ବଳ, ମାନସିକ ଅନଗ୍ରସର, ହାଜତରେ ଥିବା ବ୍ୟକ୍ତିଙ୍କ ଅଭିଯୋଗ, ସାମାଜିକ ସୁଯୋଗରୁ ବଞ୍ଚିତଙ୍କ ଅଧିକାରକୁ ସୁରକ୍ଷା ଦେବା ଦିଗରେ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେଇ ଆସିଛି ।

ଓଡ଼ିଶା ମାନବାଧିକାର ଆୟୁକ୍ତର ଅଧକ୍ଷ ମାନ୍ୟବର ଜଷ୍ଟିସ୍ ଶ୍ରୀ ବି.କେ. ପଟେଲ୍ ବିଶ୍ୱ ମାନବାଧିକାର ଦିବସ ଉପଲକ୍ଷେ ଆଜି ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ଶାସନକୁ ବ୍ୟବସ୍ଥିତ କରିବା ଦିଗରେ ତଥା ଜନସାଧାରଣଙ୍କୁ ତାଙ୍କର ସାମାଜିକ, ଆର୍ଥିକ ତଥା ସାଂସ୍କୃତିକ ଅଧିକାର ଯୋଗାଇଦେବା ପାଇଁ ଆୟୋଗ କାର୍ଯ୍ୟ କରିଆସୁଛି । ବର୍ତ୍ତମାନ ସୁଦ୍ଧା ଜନସାଧାରଣଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବା କ୍ଷେତ୍ରରେ ଆୟୋଗ ବହୁ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇଛନ୍ତି । ସମୟ କ୍ରମେ ଲୋକମାନେ ମାନବାଧିକାର ଉଲ୍ଲଂଘନ ଏକ ସାଂଘାତିକ ବ୍ୟାପାର ବୋଲି ଉପଲବ୍ଧି କଲେଣି । ୨୦୨୦ ଡିସେମ୍ବର ୧ ତାରିଖ ସୁଦ୍ଧା ପ୍ରାୟ ୩୪୧୯ ଅଭିଯୋଗ ଆୟୋଗ ଗ୍ରହଣ କରିଛି । ଆଜିର ଏହି ଉତ୍ସବରେ ମାନ୍ୟବର ସଦସ୍ୟ ଜଷ୍ଟିସ୍ ଶ୍ରୀ ରଘୁବୀର ଦାଶ, ମାନ୍ୟବର ସଦସ୍ୟ ଶ୍ରୀ ଅସୀମ ଅମିତାଭ ଦାଶ, ଅତିରିକ୍ତ ଡି.ଜି. ପୋଲିସ୍-ଇନ୍‌ଭେଷ୍ଟିଗେସନ୍ ଶ୍ରୀ ବିଜୟାନନ୍ଦ ଝା, ସଚିବ ଶ୍ରୀ ସୁନୀଲ ନାୟକ, ରେଜିଷ୍ଟର ଶ୍ରୀ ଶଙ୍ଖ ଚକ୍ରବର୍ତ୍ତୀ ସହକାରୀ ରେଜିଷ୍ଟର ବିଶ୍ୱଜିତ ଚନ୍ଦ୍ର ବର୍ମନ ଏବଂ ଆୟୁକ୍ତର ସମସ୍ତ ଉଚ୍ଚପଦାଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଦୀପ୍ତିମୟୀ ମହାପାତ୍ର
ସୂଚନା ଅଧିକାରୀ